# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 June – 2026**

**********************************

## ମୁଖ୍ୟ ସମ୍ବାଦ

- ପାଠ୍ୟପୁସ୍ତକ ତ୍ରୁଟି ସୁଧାରିବା ନେଇ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ତିନିଜଣିଆ କମିଟି ଗଠିତ

  -ସାତଦିନ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ପର୍ଯ୍ୟଟନ ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି କହିଲେ ଉପମୁଖ୍ୟମନ୍ତ୍ରୀ

- ନ୍ୟାୟାଳୟରେ ବିଚାରଧୀନ ବିବାଦଗୁଡିକର ସହଜ ସମାଧାନର ସୂତ୍ର ବାହାର କରିବା ପାଇଁ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଗୁରୁତ୍ୱାରୋପ

- ଗ୍ରୀଷ୍ମ ଛୁଟି ପରେ ଆସନ୍ତାକାଲିଠାରୁ ଖୋଲିବ ବିଦ୍ୟାଳୟ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା

BBSR

# ପାଠ୍ୟପୁସ୍ତକ ତ୍ରୁଟି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇ ପାଠ୍ୟପୁସ୍ତକଜନିତ ତ୍ରୁଟି ପାଇଁ କେଉଁ ସମ୍ପୃକ୍ତ ଅଧିକାରୀ ଏବଂ ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସାତଦିନ ମଧ୍ୟରେ କମିଟି ରିପୋର୍ଟ ଦାଖଲ କରିବେ ଏବଂ ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ ଏବଂ ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି **- V/O –**

# ରାଜ୍ୟସ୍ତରୀୟ କର୍ମଶାଳା

ରାଜ୍ୟର ପର୍ଯ୍ୟଟନସ୍ଥଳୀଗୁଡିକରେ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉତ୍କୃଷ୍ଟ ସେବା ଓ ଅନନ୍ୟ ଅନୁଭୁତି ପ୍ରଦାନ କରିବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ 'ଏକ ରାଜ୍ୟ-ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ'ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ପର୍ଯ୍ୟଟନର ଅଭିବୃଦ୍ଧି ସହିତ ପରିବେଶ ସଂରକ୍ଷଣ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅଂଶଗ୍ରହଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ପର୍ଯ୍ୟଟନସ୍ଥଳୀର ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି । ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡିକର ବିକାଶ ସମ୍ପର୍କରେ ରାଜ୍ୟ ସରକାର ପ୍ରସ୍ତୁତ କରିଥିବା କାର୍ଯ୍ୟ ଖସଡା ଉପରେ ଶ୍ରୀମତୀ ପରିଡା ବୈଠକରେ ଗୁରୁତ୍ୱାରୋପ କରିଥିଲେ । ଯୋଜନା ଅଧୀନରେ ପ୍ରତ୍ୟେକ ରାଜ୍ୟରେ ଅତି କମ୍‌ରେ ଗୋଟିଏ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । କର୍ମଶାଳାରେ ପର୍ଯ୍ୟଟନ ବିଭାଗର ସଚିବଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# କର୍ମଶାଳା ଓ ବାର୍ତ୍ତାଳାପ କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ରସୂଚନା କାର୍ଯ୍ୟାଳୟ-ପି.ଆଇ.ବି ପକ୍ଷରୁ ଆଜି ଭଦ୍ରକଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ଦ୍ରୁତ ଆର୍ଥିକ ଓ ସାମାଜିକ ବିକାଶ ସମ୍ଭବ ହୋଇଛି । ଏହି ପ୍ରକ୍ରିୟାରେ ଗଣମାଧ୍ୟମ ପ୍ରମୁଖ ଅଂଶୀଦାର ବୋଲି ଶ୍ରୀ ସେଠୀ କହିଥିଲେ । ବିଧାୟକ ସୀତାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଗଣମାଧ୍ୟମ ଲୋକଙ୍କ ଆଶା ଓ ଆକାଂକ୍ଷାର ପ୍ରତିଫଳନ । ବାର୍ତ୍ତାଳାପ ଗଣମାଧ୍ୟମ ସହିତ ସିଧାସଳଖ ଓ ସମ୍ମାନଜନକ ଭାବବିନିମୟର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ପିଆଇବିର ଅତିରିକ୍ତ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ । କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ଗତ ୧୨ବର୍ଷର ଉପଲବ୍ଧି ଏବଂ ସଫଳତା ଉପରେ ଆଧାରିତ ପୁସ୍ତିକା ଉନ୍ମୋଚନ କରାଯାଇଥିଲା ।

Ganjam

## ଏସ୍ଆଇଆର୍ କାର୍ଯ୍ୟକ୍ରମ

ନିର୍ବାଚନ ଆୟୋଗର ବରିଷ୍ଠ ଉପନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ସ୍ୱତନ୍ତ୍ର ସଘନ ସଂଶୋଧନ-ଏସଆଇଆର୍ କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଭି.କୀର୍ତ୍ତିଭାଷନ୍ ଜିଲ୍ଲାରେ ଚାଲିଥିବା ପରିଗଣନା ଫର୍ମ ବିତରଣ, ଡିଜିଟାଇଜେନସ କାର୍ଯ୍ୟ ଏବଂ ଏସ୍ଆଇଆର ସମ୍ପର୍କୀତ ବିଭିନ୍ନ ପଦକ୍ଷେପ ବିଷୟରେ ଉପ ନିର୍ବାଚନ ଆୟୁକ୍ତଙ୍କୁ ଅବଗତ କରାଇଛନ୍ତି । ଜିଲ୍ଲାରେ ଏସ୍ଆଇଆର କାର୍ଯ୍ୟ ପାଇଁ ୧୩ଟି ବିଧାନସଭା କ୍ଷେତ୍ରରେ ୩ହଜାର ୧୨୪ଜଣ ବୁଥସ୍ତରୀୟ ଅଧିକାରୀ ଏବଂ ୩୧୧ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଥିବା ସୂଚନା ପ୍ରଦାନ କରାଯାଇଛି ।

CTC

## ସଚେତନତା ଶିବିର

କଟକ ସ୍ଥିତ ଓଡିଶା ନ୍ୟାୟିକ ଏକାଡେମୀଠାରେ ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସମାଧାନ ସମାରୋହ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଷ୍ଟିସ ହରିଶ ଟଣ୍ଡନ ଯୋଗଦେଇ ନ୍ୟାୟାଳୟରେ ବିଚାରଧୀନ ବିବାଦଗୁଡିକର ସହଜ ସମାଧାନର ସୂତ୍ର ଉପରେ ଆଲୋକପାତ କରିଥିଲେ । ପାରସ୍ପରିକ

ସହମତି ଏବଂ ଦ୍ୱାରଦେଶରେ ନ୍ୟାୟ ପ୍ରଦାନର ଦୃଷ୍ଟିକୋଣକୁ ଆଗକୁ ବଢାଇବା ପାଇଁ ମଧ୍ୟସ୍ଥତା ଓ ପାରସ୍ପରିକ ସହମତି ମାଧ୍ୟମରେ ବିବାଦଗୁଡିକର ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାଷ୍ଟ୍ରବ୍ୟାପି କାର୍ଯ୍ୟଧାରା ସମାଧାନ ସମାରୋହ ଗତ ଏପ୍ରିଲ ମାସ ୨୧ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ଅଗଷ୍ଟ ମାସ ୨୧, ୨୨ ଓ ୨୩ ତାରିଖରେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜନ ସହିତ ସମାରୋହ ସମାପ୍ତ ହେବ ।

Desk

## ସ୍କୁଲ ଛୁଟି

ରାଜ୍ୟରେ ମୌସୁମୀ ପ୍ରବାହ ଆରମ୍ଭ ହୋଇଥିବାରୁ ଅନୁକୂଳ ପାଣିପାଗ ଯୋଗୁ ଗ୍ରୀଷ୍ମ ଛୁଟି ପରେ ଆସନ୍ତାକାଲିଠାରୁ  ବିଦ୍ୟାଳୟ ଖୋଲିବ । ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

ତେବେ ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲ୍ଲାରେ  ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ଶନିବାର ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ କଲେଜ ଛୁଟି ଅବଧିକୁ ବୃଦ୍ଧି କରାଯାଇଛି। ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ବନ୍ଦ ରଖାଯିବା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆପଡା ଜିଲ୍ଲାରେ ଆସନ୍ତାକାଲି ଠାରୁ ୨୦ତାରିଖ ପର୍ଯ୍ୟନ୍ତ ସକାଳ ୬ଟାରୁ  ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆସନ୍ତା ଶନିବାର ଦିନ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଛୁଟି ଘୋଷଣା କରାଯାଇଛି। ଏଥିସହ ସମ୍ବଲପୁର ଉପଖଣ୍ଡର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

Deogarh/Nayagada/

## ବିକାଶ ଧାରା-ଓଡିଶା ସାରା

ଦେବଗଡଠାରେ ପୌର ପରିଷଦ ପକ୍ଷରୁ 'ବିକାଶ ଧାରା-ଓଡିଶା ସାରା' ରାଜ୍ୟ ସରକାରଙ୍କ ଦ୍ୱିତୀୟବର୍ଷ ପୂର୍ତ୍ତି ଉପଲକ୍ଷେ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱିତୀୟବର୍ଷ ଉପଲକ୍ଷେ ଏବଂ ଜିଲ୍ଲା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ ।

ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ନୟାଗଡ ପଠାଣୀ ସାମନ୍ତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସମବାୟ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ରାଜ୍ୟ ସରକାରଙ୍କୁ ୨ବର୍ଷର ସଫଳତା ଓ ନୟାଗଡ ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

ନବରଙ୍ଗପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ଆଲୋଚନା

କରିଥିଲେ । ରାଜ୍ୟର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ତୃଣମୂଳ ସ୍ତରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ପହଞ୍ଚାଇବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ଗଣ୍ଡ କହିଛନ୍ତି ।

Jajpur

## ବିକାଶଧାରା-ଓଡିଶା ସାରା

ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବିକାଶ ଧାରା-ଓଡିଶା ସାରା' ସମ୍ପର୍କୀତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କ୍ରୀଡା ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଦୁଇ ବର୍ଷର ମଧ୍ୟରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଆଇନ, ସୂଚନା ପ୍ରଯୁକ୍ତି ବିଦ୍ୟା, ଅର୍ଥ ଆଦି ବିଭାଗରେ ସରକାରଙ୍କ ସଫଳତା ସମ୍ପର୍କରେ ମନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ ।

Boudha

## ସଚେତନତା ର୍ୟାଲି

ବୌଦ୍ଧ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଶିଶୁ ଶ୍ରମିକ ମୁକ୍ତ ଓଡିଶା ଗଠନ ପାଇଁ ଏକ ସଚେତନତା ର୍ୟାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଶିଶୁ ଶ୍ରମିକ ନିରାକରଣ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସଚେତନତା ରଥ ମାଧ୍ୟମରେ ୧୪ବର୍ଷରୁ କମ୍ କୌଣସି ଶିଶୁଙ୍କୁ କାମରେ ନିୟୋଜିତ ନ କରିବା, ୧୫ରୁ ୧୮ବର୍ଷ ମଧ୍ୟରେ ବିପଦଶଙ୍କୁଳ କାର୍ଯ୍ୟରେ ନ ଲଗାଇବା ଆଦି ପ୍ରସଙ୍ଗରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

DKI

## ରକ୍ତଦାନ

ଢେଙ୍କାନାଳଠାରେ ବିଶ୍ୱ ରକ୍ତଦାତାଦିବସ ପାଳନ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟସମିତି ଓ ଜିଲ୍ଲା ରେଡକ୍ରସ ସୋସାଇଟିର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ରକ୍ତଦାତା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ ସ୍ୱେଚ୍ଛାକୃତଭାବେ ସମସ୍ତେ ରକ୍ତଦାନ କରି ଅନ୍ୟର ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ରକ୍ତଦାନ କରି ମହତ୍ୱ କାର୍ଯ୍ୟ କରୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

Nuapada

## ସ୍ୱାବଲମ୍ବୀ ଯୁବା-ସମୃଦ୍ଧ ସମାବେଶ

ନୂଆପଡାଠାରେ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ନ୍ୟାସନାଲ କଲେଜ ଅଡିଟୋରିୟମଠାରେ 'ସ୍ୱାବଲମ୍ବୀ ଯୁବା-ସମୃଦ୍ଧ ସମାବେଶ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ନୂଆପଡା ବିଧାୟକ ଜୟ ଢୋଲକିଆ ଯୋଗଦେଇ ଯୁବପିଢ଼ି' ଦୃଢ ଇଚ୍ଛା ଶକ୍ତି ବଳରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଛନ୍ତି । ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ଏବଂ କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ରାଜ୍ୟବ୍ୟାପୀ ଜନସମ୍ପର୍କ ସଚେତନତା କାର୍ଯ୍ୟକ୍ରମର ଏହା ହେଉଛି ଏକ ଅଂଶବିଶେଷ । ନାନୋ ୟୁନକର୍ଣ୍ଣ ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଲକ୍ଷ ଚେକ୍ ପ୍ରଦାନ କରାଯାଇ ପ୍ରଥମ ଷ୍ଟାର୍ଟଅପ ସୁଯୋଗ ଦେଇଛନ୍ତି ।

# ସଂକ୍ଷେପରେ ...

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ଶଓ୍ୱାଲଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡାଠାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ।

ସୁବର୍ଣ୍ଣପୁର ବ୍ଲକ ମିଶନ ଶକ୍ତି ଗୃହଠାରେ ପିତୃମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କ୍ୟାମ୍ପ ଆୟୋଜିତ ହୋଇଯାଇଛି । ବୈଠକରେ ସମସ୍ତ ଶିଶୁ ଓ ଅଭିଭାବକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା ।

ସୁବର୍ଣ୍ଣପୁର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଜାରି ରହିଛି । ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୯୯ ଦଶମିକ ୮/୫ ପ୍ରତିଶତ ଫର୍ମ ବଣ୍ଟନ କାର୍ଯ୍ୟ ଶେଷ ହୋଇଛି ।

ମାଲକାନଗିରି ଜିଲ୍ଲା ସଂସ୍କୃତିଭବନ କାର୍ଯ୍ୟାଳୟରେ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ବିଧାୟକ ନରସିଂହ ମାଡକାମୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। କାଳବୈଶାଖୀ ପ୍ରଭାବରେ ଆସନ୍ତା ଚବିଶ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାରେ ଏହି ସମୟ ମଧ୍ୟରେ ଗ୍ରୀଷ୍ମପ୍ରବାହ ନେଇ ଆକଳନ କରାଯାଇଛି। ଆଗାମୀ ତିନି-ଚାରି ଦିନ ମଧ୍ୟରେ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଲାଗିରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।